# ହରିଶ୍ଚନ୍ଦ୍ର ସହାୟତା ଯୋଜନା

ଗରିବ ଓ ଅଭାବଗ୍ରସ୍ତ ମୃତବ୍ୟକ୍ତିର ଅନ୍ତ୍ୟେଷ୍ଟିକ୍ରିୟା (ଶବ ଦାହ / କବରୀକରଣ) ସମ୍ପାଦନ କରିବା ପାଇଁ ତାଙ୍କର ନିକଟତମ ସମ୍ପର୍କୀୟଙ୍କୁ ଆର୍ଥିକ ସହାୟତା ଯୋଗାଇଦେବା କିମ୍ବା ଅଚିହ୍ନା ଶବର ଶେଷକୃତ୍ୟ କରିବା ହେଉଛି ହରିଶ୍ଚନ୍ଦ୍ର ସହାୟତା ଯୋଜନାର ମୂଳ ଲକ୍ଷ୍ୟ ।

ହରିଶ୍ଚନ୍ଦ୍ର ସହାୟତା ରାଶି ମଞ୍ଜୁର କରୁଥିବା କର୍ତ୍ତୃପକ୍ଷ :-

- ✓ ଗ୍ରାମାଞ୍ଚଳରେ ସରପଞ୍ଚ / ପୌରାଞ୍ଚଳରେ ଅଧ୍ୟକ୍ଷ କିମ୍ବା ମହାନଗର ନିଗମ ମେୟର ସହାୟତା ପାଇଁ ଯୋଗ୍ୟ ହିତାଧିକାରୀ ବିଷୟରେ ନିଷ୍ପତ୍ତି ନେବେ ।
- ✓ ଏଥିପାଇଁ ଗ୍ରାମାଞ୍ଚଳରେ ସରପଞ୍ଚମାନେ ଟ. ୨୦୦୦/- ଓ ସହରାଞ୍ଚଳରେ ଅଧ୍ୟକ୍ଷ / ମେୟରମାନେ ଟ. ୩୦୦୦/- ମଞ୍ଜୁର କରିପାରିବେ ।
- ✓ ପୋଲିସ ଦ୍ୱାରା ବିଧିବଦ୍ଧ ଭାବେ ପଞ୍ଜୀକୃତ ହୋଇଥିବା ଅଚିହ୍ନା / ଦାବିହୀନ ଶବର ସତ୍କାର ପାଇଁ ଉପ-ଜିଲ୍ଲାପାଳମାନେ ସର୍ବୋଚ୍ଚ ଟ. ୩୦୦୦/- ପର୍ଯ୍ୟନ୍ତ ମଞ୍ଜୁର କରିପାରିବେ ।

ହରିଶ୍ଚନ୍ଦ୍ର ସହାୟତା ପାଇବା ପାଇଁ ଅଯୋଗ୍ୟତା :
ନିମ୍ନଲିଖିତ ଯେ କୌଣସି ବର୍ଗରେ ଅନ୍ତର୍ଭୁକ୍ତ ଥିବା ପରିବାର ହରିଶ୍ଚନ୍ଦ୍ର ସହାୟତା ପାଇବା ପାଇଁ ଅନୁପଯୁକ୍ତ ଅଟନ୍ତି :-

- ➢ ଯେଉଁ ପରିବାରର କୌଣସି ସଦସ୍ୟଙ୍କର ଚାରି ଚକିଆ ଯନ୍ତ୍ରଚାଳିତ ଯାନ ଥିବ ।
- ➢ ଯେଉଁ ପରିବାରର କୌଣସି ସଦସ୍ୟ ସରକାରୀ କର୍ମଚାରୀ ହୋଇଥିବେ।
- ➢ ଯେଉଁ ପରିବାରର କୌଣସି ସଦସ୍ୟ ସରକାରଙ୍କ ଠାରୁ ପାରିତୋଷିକ (honorarium) ଗ୍ରହଣ କରୁଥିବେ ।
- ➢ ଯେଉଁ ପରିବାରର ସର୍ବମୋଟ ଜମି ଜମାର ପରିମାଣ ୫ ଏକରରୁ ଅଧିକ ହୋଇଥିବ ।
- ➢ ଯେଉଁ ପରିବାରର କୌଣସି ସଦସ୍ୟ ଆୟକର ଦାତା ହୋଇଥିବେ ।

ମଞ୍ଜୁରିଦାତା କର୍ତ୍ତୃପକ୍ଷ ଯଥା ସରପଞ୍ଚ/ ଅଧ୍ୟକ୍ଷ / ମେୟର ନିର୍ଦ୍ଧାରିତ ଫରମାଟରେ ମୃତକଙ୍କ ପରିବାରର ସଦସ୍ୟଙ୍କ ଠାରୁ ଉପରୋକ୍ତ ବାବଦରେ ଘୋଷଣାନାମା ଗ୍ରହଣ କରିବେ ।

Online ମାଧ୍ୟମରେ ହରିଶ୍ଚନ୍ଦ୍ର ସହାୟତା ପ୍ରଦାନ ର ୱେବସାଇଟ:-
www.cmrfodisha.gov.in

ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗର ସଚିବ ମାନଙ୍କ ମିଳିତ ଦସ୍ତଖତରେ ସମସ୍ତ ଜିଲ୍ଲାପାଳମାନଙ୍କୁ ପତ୍ର ସଂଖ୍ୟା 167 ତା 02.01.2015 ଦ୍ୱାରା ଅବଗତ କରାଇଦିଆଯାଇଛି ଯେ ପଞ୍ଚାୟତ କିମ୍ବା ମ୍ୟୁନିସିପାଲିଟି ରେ ଗଚ୍ଛିତଥିବା ଯେ କୌଣସି ପାଣ୍ଠିରୁ ଯୋଗ୍ୟ ହିତାଧିକାରୀଙ୍କୁ ସରପଞ୍ଚ/ ଅଧ୍ୟକ୍ଷ / ମେୟରମାନେ ତତକ୍ଷଣାତ ହରିଶ୍ଚନ୍ଦ୍ର ସହାୟତା ପ୍ରଦାନ କରିବେ । ଏହାପରେ website (www.cmrfodisha.gov.in)ରେ ସେମାନଙ୍କ user ID ଏବଂ password ବ୍ୟବହାର କରି ଖର୍ଚ୍ଚ ଭରଣା ଫର୍ମ ପୂରଣ କରି online ମାଧ୍ୟମରେ ସମ୍ପୃକ୍ତ ବିଡିଓ / ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପ୍ରେରଣ କରିବେ । ବିଡିଓ / ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ଏହାକୁ ମଞ୍ଜୁର କଲାପରେ ହରିଶ୍ଚନ୍ଦ୍ର ସହାୟତା ବାବଦରେ ପ୍ରଦାନ କରାଯାଇଥିବା ରାଶି ସରପଞ୍ଚ/ ଅଧ୍ୟକ୍ଷ / ମେୟର ଙ୍କ ସରକାରୀ ଜମାଖାତାରେ online ମାଧ୍ୟମରେ ରାଜ୍ୟ ସରକାରଙ୍କ ଜମା ଖାତାରୁ ଭରଣା ହୋଇଯିବ ।

ବି.ଦ୍ର- ସବିଶେଷ ତଥ୍ୟ ନିମନ୍ତେ ସମ୍ପୃକ୍ତ ବିଡିଓ / ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଯୋଗାଯୋଗ କରନ୍ତୁ ।

ସ୍ୱତନ୍ତ୍ର ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
ଓଡିଶା ସରକାର